Follow us on: @TheDailyPioneer facebook.com/dailypioneer instagram.com/dailypioneer/

OPINION 8 THE FEAR WITHIN | WORLD 12 US TO KEEP 8,600 TROOPS IN AFGHANISTAN AFTER DEAL | SPORT 15 SERENA, FEDERER, NOVAK WIN IN US OPEN

RNI Regn. No. ORIENG/2007/22
Established 18
Published Fr
DELHI LUCKNOW BHOPAL BHUBANESW
RANCHI RAIPUR CHANDIGA
DEHRADUN HYDERABAD VIJAYWA
*Late City Vol. 15 Issue
*Air Surcharge Extra if Applic

BHUBANESWAR, FRIDAY AUGUST 30, 2019; PAGES 16 ₹3

the pioneer

www.dailypioneer.com



KIDS SHOULD PLAY SPORTS: SONAKSHI 13 VIVACITY

# CUO holds water conservation talk

**PNS ■ KORAPUT**

The Central University of Odisha (CUO) conducted an awareness seminar on 'Water Conservation and Watershed Management' at its Sunabeda campus on Friday.




The programme was conducted on the occasion of Swachhata Pakhwada under the Swachha Bharat Abhiyan of Government of India. Vice-Chancellor of CUO Prof Sharat Kumar Palita inaugurated the seminar while the talk was delivered by Senior Scientist, Soil and Water Resource Centre, ICAR, Sunabeda, Dr Partha Pratim Adhikary.

Delivering the inaugural address Prof Palita explained the purpose of conducting the seminar.

Dr Adhikary, winner of many awards in his field, explained the concept of watershed, watershed management, water conservation and related aspects. He further analyzed various ways of conserving the rain water.

While Dr Ramendra Parhi, Associate Dean, Student's Welfare of CUO, proposed the vote of thanks, Dr Sourav Gupta, Assistant Professor coordinated the event.

The seminar was attended by all faculty members, staffs, students and research scholars of the university.

99 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Visakhapatnam, Sunday 8 September 2019
- ବିଶାଖାପାଟଣା, ରବିବାର ୮ ସେପ୍ଟେମ୍ବର ୨୦୧୯
- ଆଜି ସିଂହ ୨୩ ଦିନ, ୧୪୨୬ ସାଲ
- ଭାଦ୍ରବ ୧୭ ଦିନ, ୧୯୪୧ ଶକାବ୍ଦ, ଶୁକ୍ଳପକ୍ଷ ଦଶମୀ
- ଭାଗ- ୯୦ ସଂଖ୍ୟା- ୨୪୬
- www.thesamaja.com
www.samajaepaper.com
www.samajalive.in

ଟ ୫.୦୦ (୨୦+ରବିବାର ୮ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM




# ଜଳ ସଂରକ୍ଷଣ ସୁପରିଚାଳନା ସମ୍ପର୍କିତ କର୍ମଶାଳା




ସୁନାବେଡ଼ା, ୭।୯(ନି.ପ୍ର): ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏବଂ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଜଳ ସଂରକ୍ଷଣ ଏବଂ ଜଳ ବିଭାଜିକାର ସୁପରିଚାଳନା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତ କୁମାର ପାଲିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଭାରତୀୟ କୃଷି ଓ ଗବେଷଣା ପରିଷଦ, ସୁନାବେଡ଼ାର ବରିଷ୍ଠ ବୈଜ୍ଞାନିକ ଡ଼. ପାର୍ଥ ପ୍ରତୀମ ଅଧିକାରୀ ଜଳସଂରକ୍ଷଣ, ଜଳ ବିଭାଜିକା ଓ ଏହାର ସୁପରିଚାଳନା ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ମାନବ ସମାଜର ଆବଶ୍ୟକତା ପୂରଣ ନିମନ୍ତେ ଜଳର ସଂରକ୍ଷଣ, ଜଳ ସମ୍ବଳର ଉତ୍ତମ ପରିଚାଳନା ଓ ସଦ୍‌ ବ୍ୟବହାର ଉପରେ ମଧ୍ୟ ଡ଼. ଅଧିକାରୀ ଆଲୋକପାତ କରିଥିଲେ । କୁଳପତି ପ୍ରଫେସର ପାଲିତ ନିଜ ଭାଷଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଝରଣା, ନଈର ଉପରମୁଣ୍ଡରେ ଜଳର କିପରି ସଂରକ୍ଷଣ କରାଯାଇ ପାରିବ ସେ ବିଷୟରେ ନିଜ ମତ ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର କଲ୍ୟାଣ ଡ଼ିନ୍ ପ୍ରଫେସର ରମେନ୍ଦ୍ର ପାରି ମଞ୍ଚାସୀନ ଥିବାବେଳେ ସଂଯୋଜକ ଡ଼ଃ ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସଂପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ସମେତ ଅନ୍ୟାନ୍ୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

ଭିତରେ
ଯାଞ୍ଚ ନାଁରେ ପକେଟ ଗରମ
ଟ୍ରାଫିକ୍ ଏଏସ୍ଆଇ ନିଲମ୍ବିତ
ଚିକିତ୍ସା ପାଇଁ ସ୍ୱତନ୍ତ୍ର ପାଣ୍ଠି
ଦୁର୍ଘଟଣାଗ୍ରସ୍ତଙ୍କୁ ୪୮ ଘଣ୍ଟା ମାଗଣା ଚିକିତ୍ସା

SAMBAD
ସମ୍ବାଦ

www.sambadepaper.com/sambad.in

Sunday 8 September 2019 | Page 16+16 ₹ 7.00 | ଭୁବନେଶ୍ୱର। ରବିବାର ୮ ସେପ୍ଟେମ୍ବର ୨୦୧୯ । ୧୬+୧୬ ପୃଷ୍ଠା, ମୂଲ୍ୟ ୭ ଟଙ୍କା | PRINTED AT BHUBANESWAR | BALASORE | JEYPORE

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜଳ ପରିଚାଳନା ଓ ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର

ସେମିଳିଗୁଡ଼ା,୭/୯(ଇମିସ): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା ସ୍ଥିତ ମୁଖ୍ୟ କ୍ୟାମ୍ପସରେ ଆଜି ଜଳ ସଂରକ୍ଷଣ ଓ ପରିଚାଳନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏହି ଆଲୋଚନାଚକ୍ରକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପାଲିତ ଉଦଘାଟନ କରିଥିଲେ। ସୁନାବେଡା ସ୍ଥିତ ଆଇସିଏଆରର ମୃତ୍ତିକା ଓ ଜଳ ସାଧନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ପାର୍ଥ ପ୍ରତିମ ଅଧିକାରୀ ନିଜର ବୈଷୟିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଜଳ ହିଁ ଜୀବନ, ଜଳ ବିନା ମଣିଷ ସଭ୍ୟତା ବଞ୍ଚିପାରିବ ନାହିଁ ବୋଲି ସେ ବର୍ଣ୍ଣନା କରିଥିଲେ। ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଜଳାଭାବ ଓ ଏହାର ଅପବ୍ୟବହାର ବୋଲି ସେ ସତର୍କ କରାଇଥିଲେ। ଜଳ ସଂରକ୍ଷଣ କେମିତି କରାଯିବ ଓ ଏହାର ସୁପରିଚାଳନା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ତେବେ ଅବିଭକ୍ତ କୋରାପୁଟର ଜଳସ୍ତର ଖୁବ ଭଲ ଅଛି ବୋଲି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗୀ ଡିନ୍ ଡ ରାମେନ୍ଦ୍ର ପାର୍ଥ ଅଂଶଗ୍ରହଣ କରିଥିଲେ। ଲୋକ ସଂପର୍କ ଅଧିକାରୀ ଡ଼ ଫଗୁନାଥ ଭୋଇ ଓ ଡ଼ ସୌରଭ ଗୁପ୍ତା ସହଯୋଗ କରିଥିଲେ। ଏଥିରେ ଛାତ୍ରଛାତ୍ରୀ, ପ୍ରଫେସର, କର୍ମଚାରୀ ଓ ଗବେଷକମାନେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୯ /୨୦୧୯ (୧୬ ପୃଷ୍ଠା) Rayagada, Monday, September 9 / 2019
୯ମ ଭାଗ ୨୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କର୍ମଶାଳା

କୋରାପୁଟ,୮।୯(ସ୍ୱ.ପ୍ର.)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସରେ 'ଜଳ ସଂରକ୍ଷଣ ଓ ଜଳଛାୟା ପରିଚାଳନା' ଶୀର୍ଷକ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ପଖୱାଡ଼ା ଅବସରରେ ଆୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ବିଶ୍ୱରେ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଥିବାରୁ ଏହାର ଉପଯୁକ୍ତ ସଂରକ୍ଷଣ ଓ ଏହାର ପରିଚାଳନା ପାଇଁ ଗୁରୁତ୍ୱାରୋପ କରିଥିଲେ କୁଳପତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ସେ କହିଥିଲେ। ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ମୃତ୍ତିକା ଓ ଜଳ ଗବେଷଣା କେନ୍ଦ୍ର (ଆଇସିଏଆର)ର ବରିଷ୍ଠ ବୈଜ୍ଞାନିକ ଡ. ପାର୍ଥ ପ୍ରିତମ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳଛାୟା ପ୍ରକଳ୍ପ ନିର୍ମାଣ ଦ୍ୱାରା ପାହାଡ଼ରୁ ବୋହିଯାଉଥିବା ଜଳକୁ ଅଟକାଇ ସଂପୃକ୍ତ ଅଞ୍ଚଳରେ ଥିବା ଶୁଖିଲା ଜମିକୁ ଜଳସେଚନ କରାଯାଇ ସେଥିରେ ବର୍ଷସାରା ଚାଷ କରାଯାଇପାରିବ ବୋଲି କହିଥିଲେ। ଶେଷରେ କୁଳପତି ପ୍ରଫେସର ପାଲିତା ଆଇସିଏଆର ବରିଷ୍ଠ ବୈଜ୍ଞାନିକ ଡ. ଅଧିକାରୀଙ୍କୁ ସ୍ମୃତିଫଳକ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ର କଲ୍ୟାଣ ବିଭାଗ ସହକାରୀ ଡିନ ତଥା ସହକାରୀ ପ୍ରଫେସର ରମେନ୍ଦ୍ର ପାରି କାର୍ଯ୍ୟକ୍ରମ ପରିଚାଳନା ଓ ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ।




କର୍ମଶାଳାରେ ବରିଷ୍ଠ ବୈଜ୍ଞାନିକ ଡ. ପାର୍ଥ ପ୍ରୀତମ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।